# କଣ ଆପଣଙ୍କ ବୀମା କମ୍ପାନୀ ଆପଣଙ୍କ କଥା ଶୁଣୁଛି?



ଯଦି ଆପଣଙ୍କ ବୀମା କମ୍ପାନୀ ଆପଣଙ୍କ
ଅଭିଯୋଗର ସମାଧାନ କରୁନାହିଁ
ତେବେ ସମ୍ପର୍କ କରନ୍ତୁ।

**ଆଇଆରଡିଏ ଗ୍ରୀଏଭାନ୍ସ କଲ୍ ସେଣ୍ଟର:**
**(ଟୋଲ୍ ଫ୍ରୀ ନଂ.: 155255**


ଏବଂ ଆପଣଙ୍କ ଅଭିଯୋଗ ଦାଖଲ ପାଇଁ ଓ ତାହାର ସ୍ଥିତିର ଅନୁସନ୍ଧାନ ପାଇଁ
ଲଗ୍ ଅନ୍ କରନ୍ତୁ complaints@irda.gov.in

A public awareness initiative by

ବୀମା ବିନିୟାମକ ଏବଂ ବିକାଶ ପ୍ରାଧିକରଣ
INSURANCE REGULATORY AND DEVELOPMENT AUTHORITY
*Promoting insurance. Protecting insured.*
www.irda.gov.in

ବୀମା ବିନିୟାମକ ଏବଂ ବିକାଶ ପ୍ରାଧିକରଣ
INSURANCE REGULATORY AND DEVELOPMENT AUTHORITY

Bima Bemisaal



# ଜୀବନ ବୀମା
# ଉପରିସ୍ଥ ପୁସ୍ତକ

## ବିଷୟ- ସୂଚୀ


1. ଏହି ପୁସ୍ତିକା ବିଷୟରେ 1

2. ଜୀବନ ବୀମା 2

3. ପ୍ରାୟତଃ ପଚରାଯାଉଥିବା ପ୍ରଶ୍ନ 8

4. ପଲିସୀଧାରକଙ୍କୁ ସେବା ଦେବାର ଟିଏଟି 18

5. ଯଦି ଆପଣଙ୍କର କୌଣସି ଅଭିଯୋଗ ରହିଛି 19


## 1. ଏହି ପୁସ୍ତିକା ବିଷୟରେ

ଏହି ପୁସ୍ତିକ ବୀମା ବିନିୟାମକ ଏବଂ ବିକାଶ ପ୍ରାଧିକରଣ (ଆଇଆର୍‌ଡିଏ) ଦ୍ୱାରା **ଜୀବନ ବୀମା** ଉପରେ ଏକ ମାର୍ଗ ଦର୍ଶିକା ରୂପେ ପ୍ରସ୍ତୁତ କରାଯାଇଛି ଏବଂ ଏହା କେବଳ ସାଧାରଣ ସୂଚନା ପ୍ରଦାନ କରିଥାଏ। ଏଠାରେ ଦିଆଯାଇଥିବା କୌଣସି ବି ସୂଚନା ସମ୍ବନ୍ଧିତ ଆଇନ ବୀମା ପଲିସୀର ସର୍ତ୍ତ ଓ ନିୟମାବଳୀର ସ୍ଥାନ ନେଇ ନଥାଏ କିମ୍ବା ପ୍ରାଧାନ୍ୟ ବାଜାଇ ରଖି ନଥାଏ।

ପଲିସୀ ବିଷୟରେ ବିଶିଷ୍ଟ ସୂଚନା ପାଇଁ ବା କୌଣସି ଅନ୍ୟ ଅତିରିକ୍ତ ସୂଚନା ପାଇଁ ଦୟାକରି କୌଣସି ଲାଇସେନ୍ସଧାରୀ ଏଜେଣ୍ଟ ବା ବ୍ରୋକର ବା ଆଇଆର୍‌ଡିଏ ସହିତ ପଞ୍ଜିକୃତ କୌଣସି ବୀମା କମ୍ପାନୀ ସହିତ ସମ୍ପର୍କ କରନ୍ତୁ।

## 2. ଜୀବନ ବୀମା

- ଜୀବନ ବୀମା ମାନବ ଜୀବନ ସହିତ ଜୋଡି ହୋଇଥିବା ଆପଦ ସ୍ଥିତି ପାଇଁ ବିତ୍ତୀୟ ସୁରକ୍ଷା ପ୍ରଦାନ କରିଥାଏ, ଯେପରି ମୃତ୍ୟୁ, ବକଳାଙ୍ଗତା, ଦୁର୍ଘଟଣା, ସେବାନିବୃତ୍ତି ଇତ୍ୟାଦି। ମାନବ ଜୀବନ ପ୍ରାକୃତିକ ଏବଂ ଦୁର୍ଘଟଣା କାରଣରୁ ମୃତ୍ୟୁ ଏବଂ ବିକଳାଙ୍ଗତା ସମସ୍ୟାର ଅଧୀନ ହୋଇଥାଏ। ଯେତେବେଳେ ମାନବ ଜୀବନର ମୃତ୍ୟୁ ହୋଇଥାଏ ବା ବ୍ୟକ୍ତି ସ୍ଥାୟୀ ବା ଅସ୍ଥାୟୀ ରୂପେ ବିକଳାଙ୍ଗ ହୋଇଥାଏ ସେତେବେଳେ ଗୃହକୁ ଆମାଦାନୀରେ କ୍ଷତି ସହିବାକୁ ପଡିଥାଏ।
- ଯଦିଓ ମାନବ ଜୀବନର ମୂଲ୍ୟ ଲଗାଯାଇ ପାରେ ନାହିଁ କିନ୍ତୁ ଭାବି ବର୍ଷରେ ଆୟ ହାନୀର ଆଧାର ଉପରେ ଏକ ଧନରାଶି ନିର୍ଦ୍ଧାରିତ କରାଯାଇପାରେ। ଏଥିପାଇଁ ଜୀବନବୀମାରେ ଆଶ୍ୱାସିତ ରାଶି (ବା ହାନୀ ସମୟରେ ଜମା କରାଯିବାକୁ ଥିବା ଗ୍ୟାରେଣ୍ଟୀଯୁକ୍ତ ରାଶି) ଲାଭ ରୂପେ ଜମା କରାଯାଇଥାଏ। ଜୀବନ ବୀମା ଉତ୍ପାଦ ପଲିସୀ ଅବଧି ସମୟରେ ବୀମିତ ଜୀବନ ବୀମାର ମୃତ୍ୟୁ କ୍ଷେତ୍ରରେ ବା ଦୁର୍ଘଟଣା ହେତୁ ଅପଙ୍ଗ ହୋଇଯିବା ଉପରେ ଏକ ନିଶ୍ଚିତ ଧନ ରାଶି ପ୍ରଦାନ କରିଥାଏ।
- ଆପଣଙ୍କୁ ଜୀବନ ବୀମା କାହିଁକି ଖରିଦ କରିବା ଉଚିତ୍?

  ଆମେ ନିମ୍ନଲିଖିତ ସମସ୍ତ ସମସ୍ୟାର ସାମନା କରିଥାଉ।

  ବହୁତ ଜଲ୍ଦି ମୃତ୍ୟୁ

  ଦୀର୍ଘ ଜୀବନ

  ଜୀବନ ବୀମାର ଆବଶ୍ୟକ ହୋଇଥାଏ:

  → ଏହା ସୁନିଶ୍ଚିତ କରିବା ପାଇଁ କି ଆପଣଙ୍କ ପରିବାରକୁ ଆପଣଙ୍କ ନିଧନ ଘଟଣାରେ ଆର୍ଥିକ ଆଧାର ମିଳିବା।

  → ଆପଣଙ୍କର ପିଲାର ଶିକ୍ଷା ଏବଂ ଅନ୍ୟାନ୍ୟ ଆବଶ୍ୟକ ପାଇଁ ଧନ ଦେବା।

  → ଭବିଷ୍ୟତ ପାଇଁ ସଞ୍ଚୟ ପ୍ଲାନ୍ ଯେପରି ରିଟାୟରମେଣ୍ଟ ପରେ



ଆପଣଙ୍କ ପାଖରେ ନିରନ୍ତର ଆୟର ସ୍ରୋତ ରହିବା।

  → ସୁନିଶ୍ଚିତ ହେବା କି ଗମ୍ଭୀର ବେମାରୀ ବା ଦୁର୍ଘଟଣା କାରଣରୁ ଆପଣଙ୍କ ଆୟ ହ୍ରାସ ହେବା ପରେ ଆପଣଙ୍କ ନିକଟରେ ଅତିରିକ୍ତ ଆୟ ପନ୍ଥା ରଖିବା।

  → ଅନ୍ୟ ଆର୍ଥିକ ଆପଦ ସ୍ଥିତି ଏବଂ ଜୀବନ ଶୈଳିର ଆବଶ୍ୟକତା ପାଇଁ ଧନ ପ୍ରଦାନ କରିବା।

- ଜୀବନ ବୀମାର ଆବଶ୍ୟକତା କିପରି ହୋଇଥାଏ?

  ପ୍ରମୁଖତଃ: ଏପରି କୌଣସି ବ୍ୟକ୍ତି ଯାହାଠାରୁ ପରିବାରକୁ ଆଧାର ପ୍ରଦାନ କରବାକୁ ହୋଇଥାଏ ଏବଂ ଯେ ଆୟ କରିଥାଏ, ତାହାକୁ ଜୀବନ ବୀମାର ଆବଶ୍ୟକ ହୋଇଥାଏ। ପରିବାର ପ୍ରତି ନିଜର ଯୋଗଦାନର ଆର୍ଥିକ ମୂଲ୍ୟ ଦୃଷ୍ଟିରୁ ଗୃହିଣୀଙ୍କୁ ମଧ୍ଯ ଜୀବନ ବୀମା କଭର ଆବଶ୍ୟକ ହୋଇଥାଏ। ନିଜର ଭାବି ଆୟ ଅର୍ଜନ କ୍ଷମତା ଦୃଷ୍ଟିରୁ ପିଲାଙ୍କ ଉପରେ ମଧ୍ଯ ଜୀବନ ବୀମା ପାଇଁ ବିଚାର କରାଯାଇପାରେ।

- ଜୀବନ ବୀମାର ଆବଶ୍ୟକତା କିପରି ହୋଇଥାଏ।

  ଆପଣଙ୍କ ପାଇଁ ଆବଶ୍ୟକ ଜୀବନ ବୀମା କଭରେଜ ରାଶି କେତେକ କାରକ ଉପରେ ନିଭର କରବା ଯେପରି :

  → ଆପଣଙ୍କ ଉପରେ କେତେ ଲୋକ ନିର୍ଭରଶୀଳ

  → କଣ ଆପଣଙ୍କର କୌଣସି ଦେୟତା ବା ଜାମିନୀ ଅଛି

  → ଆପଣଙ୍କ ପରିବାରକୁ ଆପଣ କେଉଁ ପ୍ରକାର ଜୀବନ ଶୈଳୀ ପ୍ରଦାନ କରିବାକୁ ଚାହାନ୍ତି

  → ଆପଣଙ୍କ ପିଲାର ଶିକ୍ଷା ପାଇଁ ଆପଣଙ୍କୁ କେତେ ଧନରାଶି ଆବଶ୍ୟକ ଅଟେ

  → ଆପଣଙ୍କର ନିବେଶ ଆବଶ୍ୟକତା କଣ ଅଟେ

  → ଆପଣଙ୍କର କ୍ଷମତା କେତେ ଅଛି

  → ଆପଣଙ୍କର ବୀମା ସମ୍ବନ୍ଧିତ ଆବଶ୍ୟକତାକୁ ବୁଝିବା ଏବଂ ସଠିକ୍

ପ୍ରକାର କଭର ବିଷୟରେ ବୁଝିବା ପାଇଁ ଆପଣଙ୍କୁ ବୀମା ଏଜେଣ୍ଟ ବା ବ୍ରୋକରଙ୍କ ସାହାଯ୍ୟ ନେବା ଉଚିତ୍।

- **ବୀମା ପଲିସୀର ପ୍ରକାର**

### ଟର୍ମ ଇନ୍ସୁରାନ୍ସ (ସାବଧି ବୀମା)

ଆପଣ ଟର୍ମ ଇନ୍ସୁରାନ୍ସ ସହିତ ଏକ ନିଶ୍ଚିତ ସମୟ ଅବଧି ପାଇଁ ସୁରକ୍ଷା କଭର କରି ପାରିବେ। ମୃତ୍ୟୁ ବା ପୂର୍ଣ୍ଣ ଏବଂ ସ୍ଥାୟୀ ବିକଳାଙ୍ଗତା ଘଟଣାରେ (ଯଦି ଲାଭ ଦିଆଯାଉଥାଏ) ଆପଣଙ୍କ ଆଶ୍ରୀତଙ୍କୁ ଲାଭ ପ୍ରଦାନ କରାଯିବ। ଟର୍ମ ଇନ୍ସୁରାନ୍ସରେ ଯଦି ଆଶ୍ୱାସିତ ଜୀବନ ଅବଧି ସମୟରେ ଜୀବିତ ରହେ ତେବେ ମୋଟ୍ ଉପରେ କୌଣସି ଲାଭ ପ୍ରଦାନ କରାଯାଏ ନାହିଁ।

### ହୋଲ୍ ଲାଇଫ୍ ଇନ୍ସୁରାନ୍ସ

ହୋଲ୍ ଲାଇଫ୍ ଇନ୍ସୁରାନ୍ସ ସହିତ ଆପଣଙ୍କୁ ଆଜୀବନ ସୁରକ୍ଷାର ଗ୍ୟାରେଣ୍ଟୀ ଦିଆଯାଇଥାଏ। ହୋଲ୍ ଲାଇଫ୍ ଇନ୍ସୁରାନ୍ସ ମୃତ୍ୟୁ ଲାଭ ପ୍ରାପ୍ତ କରିଥାଏ। ଟର୍ମ ଇନ୍ସୁରାନ୍ସରେ ଯଦି ଆଶ୍ୱାସିତ ଜୀବନ ଅବଧି ସମୟରେ ଜୀବିତ ରହିଥାଏ ତେବେ ମୋଟ୍ ଉପରେ କୌଣସି ଲାଭ ଦିଆଯାଇ ନଥାଏ।

### ହୋଲ୍ ଲାଇଫ୍ ଇନ୍ସୁରାନ୍ସ

ହୋଲ୍ ଲାଇଫ୍ ଇନ୍ସୁରାନ୍ସ ସହିତ ଆପଣଙ୍କୁ ଆଜୀବନ ସୁରକ୍ଷାର ଗ୍ୟାରେଣ୍ଟୀ ଦିଆଯାଇଥାଏ। ହୋଲ୍ ଲାଇଫ୍ ଇନ୍ସୁରାନ୍ସ ମୃତ୍ୟୁ ଲାଭ ପ୍ରଦାନ କରିଥାଏ ଯାହାଦ୍ୱାରା ଆପଣ ଆସ୍ୱସ୍ତ ହୋଇପାରିବେ କି ଆପଣଙ୍କ ପରିବାର ଆପଣଙ୍କ ମୃତ୍ୟୁ ପରେ କୌଣସି ବି ଆର୍ଥିକ ହାନୀରୁ ରକ୍ଷା ପାଇବ। ଆପଣଙ୍କ ଉତ୍ତରାଧୀକାରୀଙ୍କ ପାଇଁ ଭୂସମ୍ପତ୍ତି ସୃଷ୍ଟି କରିବା ପାଇଁ ଏହା ଏକ ଆଦର୍ଶ ମାର୍ଗ ଅଟେ।

### ଏଣ୍ଡୋମେଣ୍ଟ ପଲିସୀ

ଏଣ୍ଡୋମେଣ୍ଟ ପଲିସୀ ଏକ ବିଶିଷ୍ଟ ପରିପକ୍ୱତା ଦିନାଙ୍କ ଯୁକ୍ତ ସଞ୍ଚୟ ସହିତ



ଜଡିତ ବୀମା ପଲିସୀ ଅଟେ। ଯଦି ଅବଧି ମଧ୍ୟରେ ଆପଣଙ୍କର ମୃତ୍ୟୁ ବା ବିକଳଙ୍ଗତାର ଦୁର୍ଭାଗ୍ୟପୂର୍ଣ୍ଣ ସ୍ଥିତି ଉପୁଜେ ତେବେ ଆପଣଙ୍କ ଲାଭାର୍ଥୀଙ୍କୁ ଆଶ୍ୱାସିତ ରାଶି ପ୍ରଦାନ କରାଯିବ। ଅବଧି ସମୟରେ ଆପଣଙ୍କ ଜୀବିତ ରହିବା ଉପରେ ପଲିସୀ ପରିପକ୍ୱତା ରାଶି ଦେୟ ହୋଇଥାଏ।

### ମନୀ ବ୍ୟାକ୍ ପ୍ଲାନ୍ସ ବା କେଶ୍ ବ୍ୟାକ୍ ପ୍ଲାନ୍ସ

ଏହି ପ୍ଲାନ୍ ଅନ୍ତର୍ଗତ ଆଶ୍ୱାସିତ ରାଶିର କିଛି ପ୍ରତିଶତ ଅବଧିକ ରୂପେ ସର୍ଭାଇଭାଲ ଲାଭ ରୂପେ ବୀମିତ ବ୍ୟକ୍ତିଙ୍କୁ ପ୍ରତ୍ୟର୍ପଣ କରାଯାଇଥାଏ। ଅବଧି ସମାପ୍ତ ହେବା ଉପରେ ଶେଷ ରାଶି ପରିପକ୍ୱତା ମୂଲ୍ୟ ରୂପେ ଜମା କରାଯାଇଥାଏ। ଜମା କରାଯାଇଥିବା ସର୍ଭାଇଭାଲ ଲାଭ ଯାହାବି ହେଉ, ପଲିସୀ ଅବଧି ସମୟରେ ଜୀବନ ପ୍ରତି ସମସ୍ୟା ପୂର୍ଣ୍ଣ ଆଶ୍ୱାସିତ ରାଶି ପାଇଁ କଭର କରାଯାଇପାରେ।

### ଚିଲଡ୍ରେନ୍ ପଲିସୀ

ଏହି ପ୍ରକାର ପଲିସୀ ପିଲାଙ୍କ ଲାଭ ପାଇଁ ଅଭିଭାବକ/ପିଲା ଜୀବନ ଉପରେ ନିଆ ଯାଇଥାଏ। ଏପରି ପଲିସୀ ଦ୍ୱାରା ଅଭିଭାବକ ପିଲା ଜୀବନର ବିଭିନ୍ନ ଅବସ୍ଥା ପୂରା କରିବା ଉପରେ ଧନ ପାଇବା ପାଇଁ ଯୋଜନା କରିପାରିବେ। ପଲିସୀ ଅବଧି ସମୟରେ ଅଭିଭାବକ/ପ୍ରସ୍ତାବକଙ୍କ ଦୁର୍ଭାଗ୍ୟପୂର୍ଣ୍ଣ ମୃତ୍ୟୁ ଘଟଣାରେ କେତେକ ବୀମା କର୍ତ୍ତା ପ୍ରିମିୟମ ଛାଡ ପ୍ରଦାନ କରିଥାନ୍ତି।

### ଆନ୍ୟୁଟି (ପେନସନ୍) ପ୍ଲାନ୍

ଯେତେବେଳେ କୌଣସି କର୍ମଚାରୀ ରିଟାୟର ହୋଇଥାଏ, ତାଙ୍କୁ କୌଣସି ଦରମା ମିଳି ନଥାଏ କିନ୍ତୁ ତାହାର ନିୟମିତ ଆୟର ଆବଶ୍ୟକତା ଜାରୀ ରହିଥାଏ। ପ୍ରୋଭିଡେଣ୍ଟ ଫଣ୍ଡ ଏବଂ ଗ୍ରାଚ୍ୟୁଟି ପରି ରିଟାୟରମେଣ୍ଟ ଲାଭ ଏକାକଳୀନ ପ୍ରଦାନ କରାଯାଇଥାଏ ଯାହା ଜଲ୍ଦି ଖର୍ଚ୍ଚ ହୋଇଯାଇଥାଏ ବା ଏହାର ଉଚିତ୍ ନିବେଶ ହୋଇପାରେ ନାହିଁ ଯାହାର ପରିଣାମସ୍ୱରୂପ ରିଟାୟରମେଣ୍ଟ ପରବର୍ତ୍ତୀ ଦିନରେ

କର୍ମଚାରୀ ନିକଟରେ ନିୟମିତ ଆୟ ନଥାଏ। ଏହି ପ୍ରକାର ରିଟାୟରମେଣ୍ଟ ପ୍ରାବଧାନର ଆଦର୍ଶ ପଦ୍ଧତି ପେନସନ୍ ଅଟେ କାରଣ ଲାଭ ନିୟମିତ ଆୟ ରୂପରେ ହୋଇଥାଏ। ସେହି ସମୟରେ ବୃଦ୍ଧକାଳ ପାଇଁ ଧନର ପ୍ରବନ୍ଧ କରିବା ବୁଦ୍ଧିମାନର କାମ ଯେତେବେଳେ କି ଆମର ଆୟ ଦିନରେ ନିୟମିତ ଆୟ ହୋଇଥାଏ ଯାହା ଦ୍ୱାରା କଠିନ ସମୟରେ ସହାୟତା ମିଳିଥାଏ। ବୃଦ୍ଧକାଳରେ ଆର୍ଥିକ ସ୍ୱତନ୍ତ୍ରତା ସମସ୍ତଙ୍କ ପାଇଁ ଆବଶ୍ୟକ ଅଟେ।

ଆନ୍ନ୍ୟୁଟି ଦୁଇ ପ୍ରକାର ହୋଇଥାଏ (ପେନସନ୍ ପ୍ଲାନ୍)

- **ତତ୍କାଳ ଆନ୍ନ୍ୟୁଟି**

ତତ୍କାଳ ଆନ୍ନ୍ୟୁଟି ମାମଲାରେ ବୀମା କମ୍ପାନୀରୁ ଆନ୍ନ୍ୟୁଟି ପରିଶୋଧ ତୁରନ୍ତ ଆରମ୍ଭ ହୋଇଥାଏ। ତତ୍କାଳ ଆନ୍ନ୍ୟୁଟି ପାଇଁ ଖରିଦ ମୂଲ୍ୟ (ପ୍ରିମିୟମ) କେବଳ ଏକ କିସ୍ତି ରୂପେ ଏକକାଳୀନ ଜମା କରାଯାଇଥାଏ।

ଡିଫର୍ଡ ଆନ୍ନ୍ୟୁଟି

ଡିଫର୍ଡ ଆନ୍ନ୍ୟୁଟି ପଲିସୀ ଅନ୍ତର୍ଗତ ବ୍ୟକ୍ତି ଓ୍ୱେଷ୍ଟିଂ ଆୟୁ/ଓ୍ୱେଷ୍ଟିଂ ଦିନାଙ୍କ ପର୍ଯ୍ୟନ୍ତ ବୀମା କମ୍ପାନୀକୁ ନିୟମିତ ଜମା ପ୍ରଦାନ କରିଥାଏ। ତାହା ନିକଟରେ ଏକକ ପ୍ରିମିୟମ ରୂପ ପରିଶୋଧ କରିବାର ବିକଳ୍ପ ମଧ୍ୟ ରହିଥାଏ। ଫଣ୍ଡ ସୁଧ ସହିତ ସଞ୍ଚିତ ହେବ ଏବଂ ଓ୍ୱେଷ୍ଟି ଦିନାଙ୍କ ଉପରେ ଫଣ୍ଡ ଉପଲବ୍ଧ ହେବ। ବୀମା କମ୍ପାନୀ ଫଣ୍ଡରେ ନିବେଶର ଚିନ୍ତା ରଖିବେ ଏବଂ ପଲିସୀଧାରକ ନିକଟରେ ଓ୍ୱେଷ୍ଟିଂ ଆୟୁ/ଓ୍ୱେଷ୍ଟିଂ ଦିନାଙ୍କ ଉପରେ ଏହି କରପସ୍ ଫଣ୍ଡର 1/3 ନକଦୀକରଣ ବିକଳ୍ପ ରହିଥାଏ ଯାହା କର ମୁକ୍ତ ଅଟେ। ଫଣ୍ଡର ଶେଷ 2/3 ରାଶିର ଉପଯୋଗ ଆନ୍ନ୍ୟୁଟେଡ ପାଇଁ ଆନ୍ନ୍ୟୁଟି (ପେନସନ୍) ଖରିଦ ପାଇଁ ଉପଯୋଗକୁ ନିଆଯିବ।

ୟୁନିଟ୍ ଲିଂକ୍ଡ ଇନ୍ସୁରାନ୍ସ ପଲିସୀ

ୟୁନିଟ୍ ଲିଂକ୍ଡ ଇନ୍ସୁରାନ୍ ପଲିସୀ (ୟୁଲିପ୍) ନିବେଶ ତଥା ସୁରକ୍ଷାର



ମିଶ୍ରଣ ଅଟେ ଏବଂ ଆପଣଙ୍କୁ ଏହି ନମନୀୟତା ତଥା ବିକଳ୍ପ ଦେଇଥାଏ କି ଆପଣଙ୍କ ପ୍ରିମିୟମର ନିବେଶ କିପରି କରାଯାଏ। ୟୁନିଟ୍ ଲିଂକ୍ଡ ପ୍ଲାନ୍‌ରେ ନିବେଶ ରିସ୍କ ପୋର୍ଟଫୋଲିଓର ବହନ ଆପଣଙ୍କ ଦ୍ୱାରା କରାଯାଇଥାଏ କାରଣ ଆପଣ ନିବେଶକ ଅଟନ୍ତି।

ବିଶିଷ୍ଟ ରୂପେ ପଲିସୀ ଆପଣଙ୍କୁ ଫଣ୍ଡର ବିକଳ୍ପ ପ୍ରଦାନ କରିବ ଯେଉଁଥିରେ ଆପଣ ନିବେଶ କରିପାରିବେ। ପଲିସୀ ବର୍ଷ ମଧ୍ୟରେ ଆପଣଙ୍କ ନିକଟରେ ବିଭିନ୍ନ ଫଣ୍ଡ ମଧ୍ୟରେ ବଦଳି କରବାର ନମନୀୟତା ମଧ୍ୟ ରହିଥାଏ। ୟୁଲିପ୍ ମୂଲ୍ୟ ସେହି ୟୁନିଟ୍‌ର ବିଦ୍ୟମାନ ମୂଲ୍ୟ ସହିତ ଜଡିତ ହୋଇଥାଏ, ଯାହାକୁ ଆପଣଙ୍କ ଫଣ୍ଡରେ ନିବେଶ କରାଯାଇଥାଏ, ଯାହା ଫଳତଃ ଫଣ୍ଡର କାର୍ଯ୍ୟ ନିଷ୍ପାଦନ ଉପରେ ନିର୍ଭର କରିଥାଏ। ମୃତ୍ୟୁ ବା ସ୍ଥାୟୀ ବିକଳାଙ୍ଗତା ସ୍ଥିତିରେ ପଲିସୀ ଆଶ୍ୱାସିତ ରାଶି (ଯେଉଁ ସୀମା ପର୍ଯ୍ୟନ୍ତ ଆପଣ କଭର ହୋଇଛନ୍ତି) ପ୍ରଦାନ କରିବ, ଫଳତଃ ଆପଣ ଏହା ଜାଣି ଶାନ୍ତି ଅନୁଭବ କରିପାରିବେ କି ଆପଣଙ୍କ ପରିବାର ଅଚାନକ ବିତ୍ତୀୟ ହାନୀରୁ ସୁରକ୍ଷିତ ଅଟେ। ୟୁଲିପ୍‌ରେ ରିସ୍କ ଓ ରିଓ୍ୱାର୍ଡ୍‌ସ ସୀମା ଭିନ୍ନ ଭିନ୍ନ ହୋଇଥାଏ। ୟୁନିଟ୍ ଲିଂକ୍ଡ ପଲିସୀ ପାଇଁ ବିଭିନ୍ନ ଶୁଳ୍କ ଲାଗୁ ଅଟେ। ଏବଂ ପ୍ରିମିୟମ ଅବଶିଷ୍ଟ ରାଶି ଆପଣଙ୍କ ଦ୍ୱାରା ଚୟନ କରାଯାଇଥିବା ଫଣ୍ଡରେ ନିବେଶିତ କରାଯାଇଥାଏ। ଆପଣଙ୍କ ଦ୍ୱାରା ଖର୍ଚ୍ଚ କରାଯିବାକୁ ଥିବା ମୋଟ୍ ଶୁଳ୍କ ବିଷୟରେ ଅବଗତ ହେବା ପାଇଁ ଆପଣଙ୍କ ବୀମାକର୍ତ୍ତା ବା ଏଜେଣ୍ଟ ବା ବ୍ରୋକରଙ୍କୁ ପ୍ରଶ୍ନ କରିବା ମହତ୍ତ୍ୱପୂର୍ଣ୍ଣ ଅଟେ। ଆପଣଙ୍କର ରିସ୍କ ବହନ କ୍ଷମତା ନିବେଶ ଅନୁଭୂତିର ଆକଳନ ୟୁଲିପ୍ ପଲିସୀ ଖରିଦ କରିବାର ନିଷ୍ପତ୍ତି ନେବା ପୂର୍ବରୁ ହେବା ମହତ୍ତ୍ୱପୂର୍ଣ୍ଣ ଅଟେ। ଆପଣଙ୍କ ପଲିସୀ ବିଶେଷତ୍ୱ ବୁଝିବା ପାଇଁ ପଲିସୀ ନିୟମ ଓ ସର୍ତ୍ତକୁ ମଧ୍ୟ ଧ୍ୟାନପୂର୍ବକ ପଢିବା ଉଚିତ୍ ଯେଉଁଥିରେ ଲକ୍-ଇନ୍ ଅବଧି, ସମର୍ପଣ ମୂଲ୍ୟ, ସମର୍ପଣ ଶୁଳ୍କ ଇତ୍ୟାଦି ଅନ୍ତର୍ଭୁକ୍ତ ଅଟେ।

ଉପରେ ବର୍ଣ୍ଣିତ ସମସ୍ତ ପ୍ରକାର ପ୍ଲାନ୍ ୟୁଲିପ୍ ପ୍ଲାନ୍ ଅଧୀନରେ ଦିଆଯାଇପାରେ।

## ୩. ଜୀବନ ବୀମା ଉପରେ ପ୍ରାୟତଃ ପଚରାଯାଉଥିବା ପ୍ରଶ୍ନ

### ପରମ୍ପରାଗତ ଜୀବନ ବୀମା

**ପ୍ର. ପଲିସୀ କ୍ରୟ କରିବା ନିର୍ଣ୍ଣୟ ପୂର୍ବରୁ ମୋତେ କଣ ଦେଖିବା ଉଚିତ୍?**

ଉ. ଆପଣଙ୍କୁ ଏହା ଅବଶ୍ୟ ଯାଞ୍ଚ କରିବା ଏବଂ ଦେଖିବା ଉଚିତ୍ କି କଣ ରିଟର୍ଣ୍ଣର ଗ୍ୟାରେଣ୍ଟୀ ଉପଲବ୍ଧ ଅଛି ବା ନାହିଁ, ଲକ୍ ଇନ୍ ଅବଧି କଣ ଅଟେ, ଦେୟ ପ୍ରିମିୟମ ବିବରଣୀ, ପ୍ରିମିମୟ ଡିଫଲ୍ଟର ପରିଣାମ କଣ ହେବ, ରିଭାଇଭାଲର କଣ ସର୍ତ୍ତମାନ ରହିଛି, ପଲିସୀ ଅବଧି କଣ ଅଟେ, ହ୍ରାସଯୋଗ୍ୟ ଚାର୍ଜ କଣ ଅଟେ, କଣ ଲୋନ୍ ଉପଲବ୍ଧ ହେବ ଇତ୍ୟାଦି।

**ପ୍ର. ପ୍ରସ୍ତାବରେ କରାଯାଇଥିବା ପ୍ରକଟୀକରଣର ମହତ୍ୱ କଣ ରହିଛି?**

ଉ. ପ୍ରସ୍ତାବରେ କରାଯାଇଥିବା ପ୍ରକଟୀକରଣ ପଲିସୀ ଅଣ୍ଡରରାଇଟିଂର ଆଧାର ଅଟେ ଏବଂ ଏଥିପାଇଁ କୌଣସି ମିଥ୍ୟା ପ୍ରତିଶ୍ରୁତି ବା ଅପରିପ୍ରକଟ କାରଣଜନିତ ଦାବି ବନ୍ଦୋବସ୍ତ କରାଯାଇ ପାରେ।

**ପ୍ର. ଜୀବନ ବୀମାର କେଉଁ ବିଶେଷ ଚିକିତ୍ସୀୟ ରିପୋର୍ଟ ଦାଖଲ କରିବାର ଆବଶ୍ୟକତା ହୋଇଥାଏ?**

ଉ. ବିଶିଷ୍ଟ ପ୍ରସ୍ତାବ ମାମଲାରେ ପ୍ରବେଶ ଆୟୁ, ପରିପକ୍ୱତା ଆୟୁ, ଆଶ୍ୱାସିତ (ବୀମା) ରାଶି, ପାରିବାରିକ ଇତିହାସ ଏବଂ ନିଜ ଇତିହାସ, ବିଶେଷ ଚିକିତ୍ସୀୟ ରିପୋର୍ଟ ରିସ୍କ ବିଚାର ପାଇଁ ଆବଶ୍ୟକତା ହୋଇପାରେ। ଉଦାହରଣ ସ୍ୱରୂପଃ ଯଦି ପ୍ରସ୍ତାବକର ଓଜନ ଅଧିକ ଅଟେ, ତେବେ ଇଲୋକଟ୍ରୋକାର୍ଡିୟୋଗ୍ରାମ୍, ଗ୍ଲୁକୋଜ୍ ଟଲରେନ୍ସ ଟେଷ୍ଟ ପରି ବିଶେଷ ରିପୋର୍ଟର ଆବଶ୍ୟକତା ପଡିପାରେ, ଅପରପକ୍ଷରେ କମ୍ ଓଜନ ବିଶିଷ୍ଟ ପ୍ରସ୍ତାବକଙ୍କ ପାଇଁ ଛାତି ଏବଂ ଫୁସ୍‌ଫୁସ୍‌ର ଏକ୍ସରେ ରିପୋର୍ଟର ଆବଶ୍ୟକ ହୋଇଥାଏ।

**ପ୍ର. ପରମ୍ପରାଗତ ଜୀବନ ବୀମା ପଲିସୀରେ ପେଡ୍-ଅପ୍‌ର ଅର୍ଥ କଣ ଅଟେ?**

ଉ. କୌଣସି ନିଶ୍ଚିତ ଅବଧି ପାଇଁ ବା ତାହା ପରେ ପ୍ରିମିୟମ ଜମା କରବା



Bima Bemisaal

ପଛରେ ଏବଂ ଯଦି ପ୍ରିମିୟମ ଜମା ନକରାଯାଇଥାଏ ତେବେ ଆଶ୍ୱାସିତ ରାଶି ଏକ ଆନୁପାତିକ ରାଶି ପର୍ଯ୍ୟନ୍ତ ହ୍ରାସ କରାଦିଆଯାଇ ପାରେ। ଯାହା ପୂର୍ଣ୍ଣ ଆଶ୍ୱାସିତ ରାଶିର ସମାନ ଅନୁପାତ ରଖିଥାଏ କାରଣ ବାସ୍ତବରେ ଜମା ପ୍ରିମିୟମ ସଂଖ୍ୟା ପଲିସୀରେ ମୂଳତଃ ନିର୍ଦ୍ଦିଷ୍ଟ ଟୋଟାଲ ସଂଖ୍ୟା ସହିତ ସମ୍ବନ୍ଧିତ ହୋଇଥାଏ। ଉଦାହରଣ ସ୍ୱରୂପଃ ଯଦି ଆଶ୍ୱାସିତ ରାଶି 1 ଲକ୍ଷ ଅଟେ ଏବଂ ଦେୟ ପ୍ରିମିୟମର ଟୋଟାଲ ସଂଖ୍ୟା 20 ଅଟେ (20 ବର୍ଷର ପଲିସୀ, ପ୍ରିମିୟମର ମୁଡ୍ ବାର୍ଷିକ ଧରାଯାଇଛି) ଏବଂ 10 ବାର୍ଷିକ ପ୍ରିମିୟମ ପରେ ଡିଫଲ୍ଟ ହୋଇଥାଏ ତେବେ ପଲିସୀ 50,000/-ର ପେଡ୍-ଅପ୍ ମୂଲ୍ୟ ହାସଲ କରିଥାଏ। ପେଡ୍-ଅପ୍ ମୂଲ୍ୟ = ଦେୟ ପ୍ରିମିୟମ ସଂଖ୍ୟା/ ଦେୟଯୋଗ୍ୟ ପ୍ରିମିୟମ ସଂଖ୍ୟା x ଆଶ୍ୱାସିତ ରାଶି = 10/20 x100000 = 50000/- ଅର୍ଥାତ୍ ପଲିସୀ ପୂର୍ବଭଳି ପ୍ରଭାବୀ ଅଟେ ଯେଉଁଥିରେ ସେହି ଦିନାଙ୍କ ଅପବାଦ ଅଟେ ଯେତେବେଳେ 11ଶ ପ୍ରିମିୟମ ନିୟତ ବା ଅଶ୍ୱାସିତ ରାଶି ମୂଲ୍ୟ 1,00,000/- ପରିବର୍ତ୍ତେ 50,000/- ଅଟେ। ଏହି ଆଶ୍ୱାସିତ ରାଶିରେ ପଲିସୀ ଲାପ୍ସ ହେବା ପୂର୍ବରୁ ପ୍ରାଥମିକ ଓ୍ୱେଷ୍ଟେଡ (ଅପର୍ଜିତ) ବୋନସ୍ ମଧ୍ୟ ଯୋଡା ଯାଇଥାଏ। ଉଦାହରଣ ସ୍ୱରୂପଃ ଯଦି ଲାପ୍ସ ତାରିଖ ପର୍ଯ୍ୟନ୍ତ ଅପର୍ଜିତ ବୋନସ୍ 35,000/- ଅଟେ ତେବେ ମୋଟ୍ ପେଡ୍-ଅପ୍ ମୂଲ୍ୟ ହୋଇଥାଏ 50,000 + 35,000 = 85,000।

**ପ୍ର. ପରମ୍ପରାଗତ ଜୀବନ ବୀମା ପଲିସୀରେ ସମର୍ପଣ ମୂଲ୍ୟର ଗଣନା କିପରି ହୋଇଥାଏ?**

ଉ. ଏହି ପେଡ୍-ଅପ୍ ମୂଲ୍ୟର ପ୍ରତିଶତ ରୂପେ ସମର୍ପଣ ମୂଲ୍ୟର ଅନୁମତି ଅଟେ। ସମର୍ପଣ ମୂଲ୍ୟ କାରକ ଅନୁସାରେ ସମର୍ପଣ ମୂଲ୍ୟର ଗଣନା ହୋଇଥାଏ, ଯାହା ଜମା ପ୍ରିମିୟମ ଏବଂ ଅତିବାହିତ ଅବଧି ଉପରେ ନିର୍ଭର କରେ।

**ପ୍ର. ପରମ୍ପରାଗତ ଜୀବନ ବୀମା ପଲିସୀ ଅନ୍ତର୍ଗତ ପଲିସୀ ଉପରେ ଲୋନ୍‌ର ଗଣନା କିପରି କରାଯାଇଥାଏ?**

ଉ. ଯଦି ପଲିସୀ ପଲିସୀ ସର୍ତ୍ତ ଲୋନ୍‌କୁ ଅନୁମତି ଦିଏ ତେବେ ସମର୍ପଣ

ମୂଲ୍ୟର ପ୍ରତିଶତ ରୂପେ ଲୋନ୍‌ର ସ୍ୱୀକୃତି ଦିଆଯାଇଥାଏ।

**ପ୍ର. ପରିପକ୍ୱତା ଦାବି ମାମଲାରେ କଣ ଜମା କରିବାର ଆବଶ୍ୟକତା ରହିଥାଏ?**

ଉ. ସାମାନ୍ୟତଃ ବୀମା କମ୍ପାନୀ ଦେୟ ଦାବି ରାଶିର ସୂଚନା ପ୍ରଦାନ କରିବା ସହିତ ପଲିସୀର ପରିପକ୍ୱତା ତାରିଖରୁ ଅତି କମ୍‌ରେ 2 ରୁ 3 ମାସ ପୂର୍ବରୁ ପଲିସୀଧାରକଙ୍କୁ ଡିସଚାର୍ଜ ଭାଉଚର ସହିତ ସୂଚନା ପଠାଇବା ହସ୍ତାକ୍ଷରିତ ଏବଂ ସାକ୍ଷ୍ୟବଦ୍ଧ ପଲିସୀ ବଣ୍ଡ ଏବଂ ଡିସଚାର୍ଜ ଭାଉଚର ତୁରନ୍ତ ବୀମା କମ୍ପାନୀକୁ ପ୍ରତ୍ୟର୍ପଣ କରାଯିବା ଉଚିତ୍ ଯେପରି ବୀମା କମ୍ପାନୀ ପରିଶୋଧ କରବାକୁ ସମର୍ଥ ରହେ। ଯଦି ପଲିସୀ କୌଣସି ଅନ୍ୟ ବ୍ୟକ୍ତି ନାମରେ କରାଯାଇଛି ତେବେ ଦାବି ରାଶି କେବଳ ଆଶାୟୀକୁ ଦେୟ ହେବ ଯେ ଡିସଚାର୍ଜ କରିବ।

**ପ୍ର. ବନ୍ଦୋବସ୍ତ ବିକଳ୍ପର ଅର୍ଥ କଣ ଅଟେ?**

ଉ. ବନ୍ଦୋବସ୍ତ ବିକଳ୍ପ ଅର୍ଥାତ୍ ଏକ ପରିଭାଷିତ ଉପାୟରେ ପରିପକ୍ୱତା ରାଶି ପାଇବା ପାଇଁ ପଲିସୀଧାରକ ନିମନ୍ତେ ଉପଲବ୍ଧ କରାଯାଇଥିବା ସୁବିଧା (ଅନୁବନ୍ଧ ଆରମ୍ଭରେ ନିୟମ ଏବଂ ସର୍ତ୍ତ ପୂର୍ବରୁ ବର୍ଣ୍ଣିତ ହୋଇଥାଏ)।

**ପ୍ର. ପଲିସୀ ଜାରି ରହିବା ସମୟରେ ଆଶ୍ୱାସିତ ଜୀବନର ମୃତ୍ୟୁ ମାମଲାରେ ସାମାନ୍ୟତଃ କେଉଁ ଦସ୍ତାବିଜ୍ ଜମା କରାଯାଇଥାଏ?**

ଉ. ମୋଟ୍‌ଉପରେ ଆବଶ୍ୟକ ମୂଳ ଦସ୍ତାବିଜ୍ ହେଉଛି ମୃତ୍ୟୁ ପ୍ରମାଣପତ୍ର, ଦାବି ଫର୍ମ ଏବଂ ପଲିସୀ ବଣ୍ଡ, ଅନ୍ୟ ଦସ୍ତାବିଜ୍ ଯେପରି ମେଡିକାଲ ଆଟେଣ୍ଡାଟର ପ୍ରମାଣପତ୍ର, ହସ୍ପିଟାଲ ପ୍ରମାଣପତ୍ର, ନିୟୋକ୍ତା ପ୍ରମାଣପତ୍ର, ପୁଲିସ ଯାଞ୍ଚ ରିପୋର୍ଟ, ପୋଷ୍ଟ ମର୍ଟମ୍ ରିପୋର୍ଟ ଇତ୍ୟାଦି ଯେପରି ପ୍ରୟୋଜନ ମଗାଯାଇ ପାରେ। ଦାବିର ଆବଶ୍ୟକତା ମୋଟ୍ ଉପରେ ପଲିସୀ ବଣ୍ଡରେ ପ୍ରକଟିତ ହୋଇଥାଏ।

ୟୁନିଟ୍ ଲିଂକ୍ଡ ଇନ୍‌ସୁରାନ୍‌ସ ପଲିସୀ (ୟୁଲିପ୍)

**ପ୍ର. ୟୁନିଟ୍ ଲିଂକ୍ଡ ପଲିସୀରେ କିପରି ସମର୍ପଣ ମୂଲ୍ୟ ଗଣନା ହୋଇଥାଏ?**



ଉ. ଫଣ୍ଡ ମୂଲ୍ୟରେ ସମର୍ପଣ ଶୁଳ୍କ ହ୍ରାସ ପରେ ପ୍ରାପ୍ତ ରାଶିକୁ ସାଧାରଣତଃ ସମର୍ପଣ ମୂଲ୍ୟ ରୂପେ ଅଭିବ୍ୟକ୍ତ କରାଯାଇଥାଏ।

**ପ୍ର. ସମର୍ପଣ, ପରିପକ୍ୱତା ଦାବି, ବଦଳି (ସ୍ୱୀଚ୍) ଇତ୍ୟାଦି ପାଇଁ ଏନ୍‌ଏଭି ଲାଗୁ ହେବାର କଣ ପଦ୍ଧତି ଅଛି?**

ଉ. ସନ୍ଧ୍ୟା 3.00 ବାଜିବା ପର୍ଯ୍ୟନ୍ତ ବୀମାକର୍ତ୍ତା ଦ୍ୱାରା ପ୍ରାପ୍ତ ବୈଧ ଆବେଦନ ସନ୍ଦର୍ଭରେ (ଉଦା. ସମର୍ପଣ, ପରିପକ୍ୱତା ଦାବି, ବଦଳି ଇତ୍ୟାଦି) ସେହି ଦିନର ଏନ୍‌ଏଭି ଲାଗୁ ହୋଇଥାଏ।

ବୀମାକର୍ତ୍ତା ଦ୍ୱାରା ସନ୍ଧ୍ୟା 3.00 ବାଜିବା ପରେ ପ୍ରାପ୍ତ ବୈଧ ଆବେଦନ ସନ୍ଦର୍ଭରେ (ଉଦା. ସମର୍ପଣ, ପରିପକ୍ୱତା ଦାବି, ବଦଳି ଇତ୍ୟାଦି) ଅଲଗା ବ୍ୟବସାୟ ଦିବସର କ୍ଲୋଜିଂ ଏନ୍‌ଏଭି ଲାଗୁ ହୋଇଥାଏ।

**ପ୍ର. ୟୁନିଟ୍ ଫଣ୍ଡ କଣ ଅଟେ?**

ଉ. ସମସ୍ତ ଶୁଳ୍କ କଟାଯିବା ପରେ ପ୍ରିମିୟମର ଆବଣ୍ଟିତ (ନିବେଶିତ) ଭାଗ ଏବଂ/ବା ପଲିସୀଧାରକଙ୍କ ଦ୍ୱାରା ଚୟନ ହୋଇଥିବା କୌଣସି ବିଶେଷ ଫଣ୍ଡ ସମସ୍ତ ପଲିସୀ ଅନ୍ତର୍ଗତ ରିସ୍କ କଭର ପାଇଁ ପ୍ରିମିୟମକୁ ଏକତ୍ର କରି ଏକ ୟୁନିଟ୍ ଫଣ୍ଡ ନିର୍ମାଣ କରିଥାଏ।

**ପ୍ର. ୟୁନିଟ୍ କଣ?**

ଉ. ଏହି ୟୁନିଟ୍ ଲିଂକ୍ଡ ପଲିସୀରେ ଏହା ଫଣ୍ଡର ଏକ ଉପାଦାନ ଅଟେ।

**ପ୍ର. ୟୁଲିପ୍ କେଉଁ ପ୍ରକାର ଫଣ୍ଡ ପ୍ରଦାନ କରିଥାଏ?**

ଉ. ଅଧିକାଂଶ ବୀମାକର୍ତ୍ତା ବ୍ୟକ୍ତିର ନିବେଶ ଉଦ୍ଦେଶ୍ୟ, ରିସ୍କ ପ୍ରୋଫାଇଲ୍ ଏବଂ ସମୟ ଅବଧି ଅନୁରୂପ ଫଣ୍ଡକୁ ବ୍ୟାପକ ରେଞ୍ଜ ପ୍ରଦାନ କରିଥାନ୍ତି। ବିଭିନ୍ନ ଫଣ୍ଡର ଭିନ୍ନ ଭିନ୍ନ ରିସ୍କ ପ୍ରୋଫାଇଲ୍ ରହିଛି। ପ୍ରତିଫଳ (ରିଟର୍ଣ୍ଣ) କ୍ଷମତା ମଧ୍ୟ ଫଣ୍ଡକୁ ଫଣ୍ଡ ଭିନ୍ନ ହୋଇଥାଏ।

**ପ୍ର. କଣ ୟୁଲିପ୍‌ରେ ନିବେଶ ପ୍ରତିଫଳ ଗ୍ୟାରେଣ୍ଟୀ ରହିଥାଏ?**

ଉ. ୟୁଲିପ୍‌ରେ ନିବେଶରୁ ପ୍ରତିଫଳର ଗ୍ୟାରେଣ୍ଟୀ କରାଯାଇ ପାରେନାହିଁ ୟୁନିଟ୍ ଲିଂକ୍ଡ ଉତ୍ପାଦ/ପଲିସୀ ନିବେଶ ପୋର୍ଟଫୋଲିଓରେ ନିବେଶ ରିସ୍କ ପଲିସୀଧାରକଙ୍କ ଦ୍ୱାରା ବହନ କରାଯାଇଥାଏ। ଚୟନ ୟୁନିଟ୍

ଲିଂକ୍ଡ ଫଣ୍ଡର ପ୍ରଦର୍ଶନ ଆଧାର ଉପରେ ପଲିସୀଧାରକ ନିଜର ନିବେଶ ଉପରେ ଲାଭ ବା ହାନୀ ପାଇପାରେ। ଏହା ବି ଧ୍ୟାନ ଦିଆଯିବା ଉଚିତ୍ କି ଫଣ୍ଡର ପୂର୍ବ ପ୍ରତିଫଳ ଫଣ୍ଡର ଭବିଷ୍ୟତ ପ୍ରଦର୍ଶନର ଆବଶ୍ୟକୀୟ ସୂଚକ ନୁହେଁ।

**ପ୍ର. ୟୁଲିପ୍‌ରେ ଚାର୍ଜ, ଶୁଳ୍କ ଏବଂ ରିହାତି କଣ ଅଟେ?**

ଉ. ବିଭିନ୍ନ ବୀମାକର୍ତ୍ତାଙ୍କ ଦ୍ୱାରା ପ୍ରସ୍ତୁତ ୟୁଲିପ୍‌ର ଚାର୍ଜ ସଂରଚନା ଭିନ୍ନ ହୋଇଥାଏ। ମୋଟ୍ ଉପରେ ଭିନ୍ନ ପ୍ରକାର ଶୁଳ୍କ ଏବଂ ଚାର୍ଜ ନିମ୍ନରେ ଦିଆଯାଇଛି। ତଥାପି ଏହା ଧ୍ୟାନ ଦିଆଯିବା ଉଚିତ୍ କି ବୀମାକର୍ତ୍ତାଙ୍କ ସମୟ ବିତିବା ଉପରେ ଶୁଳ୍କ ଏବଂ ଚାର୍ଜ ସଂଶୋଧନ କରିବାର ଅଧିକାର ରହିଛି।

### ପ୍ରିମିୟମ ଆବଣ୍ଟନ ଚାର୍ଜ

ପଲିସୀ ଅନ୍ତର୍ଗତ ୟୁନିଟ୍ ଆବଣ୍ଟିତ କରିବାର ପୂର୍ବ ଚାର୍ଜ ପ୍ରତି ପ୍ରଯୁକ୍ତ ପ୍ରିମିୟମର ଏହା ପ୍ରତିଶତ ଅଟେ। ଏହି ଚାର୍ଜ ମୋଟ୍ ଉପରେ କମିସନ୍ ଖର୍ଚ୍ଚ ବ୍ୟତୀତ ଆରମ୍ଭୀକ ଏବଂ ନବୀକରଣ ଖର୍ଚ୍ଚକୁ ସାମିଲ କରିଥାଏ।

| ନିମ୍ନରେ କେତେକ ସାଧାରଣ ପ୍ରକାର ଫଣ୍ଡ ଦିଆଯାଇଛି ଯାହା ନିଜର ରିସ୍କ ଲକ୍ଷଣ ସଂକେତ ସହିତ ଉପଲବ୍ଧ ଅଟେ।<br>**ସାଧାରଣ ବର୍ଣ୍ଣନା** | **ନିବେଶ ସ୍ୱରୂପ** | **ରିସ୍କ ଶ୍ରେଣୀ** |
|---|---|---|
| **ଇକ୍ୱିଟୀ ଫଣ୍ଡ୍‌ସ** | ପୁଞ୍ଜି ବର୍ଦ୍ଧନର ସାଧାରଣ ଲକ୍ଷ୍ୟ ସହିତ କମ୍ପାନୀ ଟାସ୍କରେ ପ୍ରାଥମିକ ରୂପେ ନିବେଶିତ | ମଧ୍ୟମରୁ ଉଚ୍ଚ |
| **ଆୟ, ଫିକ୍ସଡ ସୁଧ ଏବଂ ବଣ୍ଡ ଫଣ୍ଡ୍‌ସ** | କର୍ପୋରେଟ୍ ବଣ୍ଡ୍‌ସ, ସରକାରୀ ସିକ୍ୟୋରିଟିଜ୍ ଏବଂ ଅନ୍ୟ ଫିକ୍ସଡ ଇନକମ୍ ଇନଷ୍ଟାଲମେଣ୍ଟ | ମଧ୍ୟମ |
| **ନଗଦ ଫଣ୍ଡ୍‌ସ** | ବେଳେ ବେଳେ ମନୀ ମାର୍କେଟ୍ ଫଣ୍ଡ ରୂପେ ଜଣାଯାଇଥାଏ - ନଗଦ ବ୍ୟାଙ୍କ୍ ଡିପଜିଟ୍ ଏବଂ ମନୀ ମାର୍କେଟ୍ ଇନଷ୍ଟାଲମେଣ୍ଟରେ ନିବେଶିତ | କମ୍ |
| **ବାଲାନ୍ସଡ ଫଣ୍ଡ୍‌ସ** | ଇକ୍ୱିଟୀ ନିବେଶ ସହିତ ଫିକ୍ସଡ ସୁଧ ବିଶିଷ୍ଟ ଇନଷ୍ଟାଲମେଣ୍ଟସର ସମୁଚୟ | ମଧ୍ୟମ |



### ମୋର୍ଟାଲିଟି ଚାର୍ଜ

ଏହି ଚାର୍ଜ ପ୍ଲାନ୍ ଅନ୍ତର୍ଗତ ବୀମା କଭରେଜ୍ ବ୍ୟୟ ହେତୁ ନିଆଯାଇଥାଏ। ମୋର୍ଟାଲିଟି ଚାର୍ଜ ଅନେକ କାରକ ଉପରେ ନିର୍ଭର କରିଥାଏ ଯେପରି ଆୟୁ, କଭରେଜ୍ ରାଶି, ସ୍ୱାସ୍ଥ୍ୟ ଅବସ୍ଥା ଇତ୍ୟାଦି।

### ଫଣ୍ଡ ପ୍ରବନ୍ଧନ ଶୁଳ୍କ

ଏହି ଶୁଳ୍କ ଫଣ୍ଡ ପ୍ରବନ୍ଧନ (ମ୍ୟାନେଜମେଣ୍ଟ) ପାଇଁ ନିଆଯାଇଥାଏ ଏବଂ ୟୁନିଟ୍ ହ୍ରାସ ପୂର୍ବକ ସଂଗ୍ରହ କରାଯାଇଥାଏ। ଏହି ସମ୍ପୂର୍ଣ୍ଣ ପଲିସୀ ଅବଧିରେ ସମାନ ହୋଇପାରେ ବା ପୂର୍ବ ନିର୍ଦ୍ଧାରିତ ଦର ଅନୁସାରେ ବଦଳି ପାରେ।

### ସମର୍ପଣ ଚାର୍ଜ

ପଲିସୀ ସର୍ତ୍ତ ବର୍ଣ୍ଣନା ଅନୁସାରେ ଯେକୌଣସିଠାରେ ଲାଗୁ ୟୁନିଟ୍‌ର ଅସମୟ ଆଂଶିକ ବା ପୂର୍ଣ୍ଣ ନଗଦୀକରଣ ପାଇଁ ସମର୍ପଣ ଚାର୍ଜ କଟାଯାଇଥାଏ।

### ଫଣ୍ଡ ସ୍ୱୀଚ୍ ଚାର୍ଜ

ମୋଟ୍ ଉପରେ ପ୍ରତି ବର୍ଷ ଏକ ସୀମିତ ସଂଖ୍ୟାରେ ଫଣ୍ଡ ବଦଳ (ସ୍ୱୀଚ୍) ର ନିଃଶୁଳ୍କ ଅନୁମତି ହୋଇଥାଏ, ତାହାପରେ ସ୍ୱୀଚ୍ ଶୁଳ୍କ ଅଧୀନ ହୋଇଥାଏ।

### ସେବାକର ହ୍ରାସ

ୟୁନିଟ୍ ଆବଣ୍ଟନ ପୂର୍ବରୁ ଲାଗୁ ସେବା କର ପ୍ରିମିୟମ ରିସ୍କ ଯୁକ୍ତ ଅଂଶରୁ କଟା ଯାଇଥାଏ।

ନିବେଶକଙ୍କୁ ଧ୍ୟାନ ଦେବା ଉଚିତ୍ କି ସମସ୍ତ ଚାର୍ଜ କାଟିବା ପରେ ପ୍ରିମିୟମ ଅଂଶ ଏବଂ ରିସ୍କ କଭର ପାଇଁ ପ୍ରିମିୟମ ଉପଯୋଗ ୟୁନିଟ୍ କ୍ରୟ ପାଇଁ କରାଯାଇଥାଏ।

Bima Bemisaal

**ପ୍ର. ପ୍ରସ୍ତାବ ଉପରେ ସ୍ୱାକ୍ଷର କରିବା ପୂର୍ବରୁ କଣ ଯାଞ୍ଚ କରିବା ଉଚିତ୍?**

ଉ. ଏହି ବିଷୟ ପାଇଁ ପ୍ରମାଣିତ ସେଲ୍ସ ବିବରଣୀକା ଯାଞ୍ଚ କରିବା ଉଚିତ୍।

- ପଲିସୀ ଅନ୍ତର୍ଗତ ହ୍ରାସ ଯୋଗ୍ୟ ସମସ୍ତ ପ୍ରକାର
- ଅସମୟ ସମର୍ପଣ ଉପରେ ପରିଶୋଧ
- ବୈଶିଷ୍ଟ୍ୟ ତଥା ଲାଭ
- ସୀମା ଓ ଅପବର୍ଜନ
- ରଦ୍ଦ ଓ ଏହାର ପରିଣାମ
- ଅନ୍ୟ ପରିପ୍ରକାଶ
- ଜୀବନ ବୀମା କାଉଁସେଲିଂ ଦ୍ୱାରା ପରାମର୍ଶିତ 6% ଏବଂ 10% ପ୍ରତିଫଳ ଦୁଇଟି ପରିଦୃଶ୍ୟରେ ଦେୟ ଲାଭ ଦର୍ଶାଉଥିବା ଉଦାହରଣ

**ପ୍ର. ୟୁନିଟ୍ କ୍ରୟ ପାଇଁ କେତେ ପ୍ରିମିୟମ ଉପଯୋଗ କରାଯାଇଥାଏ?**

ଉ. ଦେୟ ପ୍ରିମିୟମର ପୂର୍ଣ୍ଣ ରାଶିକୁ ୟୁନିଟ୍ କ୍ରୟ ପାଇଁ ଆବଣ୍ଟିତ କରାଯାଏ ନାହିଁ। ବୀମା କର୍ତ୍ତା ବିଭିନ୍ନ ଚାର୍ଜ, ଶୁଳ୍କ ଓ ହ୍ରାସ (ଡିଡକସନ୍) ପାଇଁ ଅର୍ଥ ପ୍ରଦାନ ପରେ ଶେଷ ପ୍ରିମିୟମ ଅଂଶରେ ୟୁନିଟ୍ ଆବଣ୍ଟିତ କରିଥାଏ। ତଥାପି ୟୁନିଟ୍ କ୍ରୟ ପାଇଁ ପ୍ରଯୁକ୍ତ ପ୍ରିମିୟମ ମାତ୍ରା ଉତ୍ପାଦକୁ ଉତ୍ପାଦ ଭିନ୍ନ ହୋଇଥାଏ।

ଆବଣ୍ଟିତ ୟୁନିଟ୍‌ର ମୋଟ୍ ଆର୍ଥିକ ମୂଲ୍ୟ ଦେୟ ପ୍ରିମିୟମ ରାଶିରୁ କମ୍ ହୋଇଥାଏ କାରଣ ଏକତ୍ରିତ ପ୍ରିମିୟମ ପୂର୍ବରୁ ଚାର୍ଜ ହ୍ରାସ କରାଯାଇଥାଏ ଏବଂ ଶେଷ ରାଶିର ଉପଯୋଗ ୟୁନିଟ୍ ଆବଣ୍ଟିତ କରିବା ପାଇଁ ହୋଇଥାଏ।

**ପ୍ର. ଯଦି ପଲିସୀ କ୍ରୟ ପରେ କେହି ସନ୍ତୁଷ୍ଟ ନହୁଅନ୍ତି ତେବେ କଣ ପ୍ରିମିୟମ ଫେରସ୍ତ ପାଇଁ ଦାବି କରାଯାଇପାରେ?**

ଉ. ପଲିସୀଧାରକ ଯଦି ପଲିସୀ ନିୟମ ଓ ସର୍ତ୍ତରେ ଅସହମତ ହୁଅନ୍ତି



Bima Bemisaal

ତେବେ ପଲିସୀ ଦସ୍ତାବିଜ୍ ପ୍ରାପ୍ତି କରିବାର 15 ଦିନ ମଧ୍ୟରେ (ଫ୍ରୀ ଲୁକ୍ ଅବଧି) ପ୍ରିମିୟମ ପ୍ରତ୍ୟର୍ପଣ ପାଇଁ ଦାବି କରାଯାଇପାରେ। ପଲିସୀଧାରକଙ୍କୁ ଚାର୍ଜ ସହିତ ଫଣ୍ଡ ମୂଲ୍ୟ ପ୍ରତ୍ୟର୍ପଣ ୟୁନିଟ୍ ରଦ୍ଦ କରି କରାଯିବା ଉଚିତ୍ ଯାହା ଚିକିତ୍ସୀୟ ଯାଞ୍ଚ, ଷ୍ଟାମ୍ପ ଡ୍ୟୁଟି କଭର ଅବଧି ପାଇଁ ଆନୁପାତିକ ରିସ୍କ ପ୍ରିମିୟମ ପ୍ରତି ଖର୍ଚ୍ଚ ହ୍ରାସର ଅଧୀନ ଅଟେ।

**ପ୍ର. ନେଟ୍ ଏସେଟ୍ ଭ୍ୟାଲୁ (ଏନ୍ଏଭି) କଣ ଅଟେ?**

ଉ. ଏନ୍ଏଭି କୌଣସି ଦିଆଯାଇଥିବା ଦିନ ଉପରେ ଫଣ୍ଡର ପ୍ରତି ୟୁନିଟ୍ ମୂଲ୍ୟ ଅଟେ। ପ୍ରତି ଫଣ୍ଡର ଏନ୍ଏଭି ସମ୍ବନ୍ଧିତ ବୀମା କର୍ତ୍ତାଙ୍କ ୱେବସାଇଟ୍ ଉପରେ ପ୍ରଦର୍ଶିତ କରାଯାଇଥାଏ।

**ପ୍ର. ପଲିସୀ ଅବଧି ସମୟରେ ଜାତ ରିସ୍କ ମାମଲାରେ ଦେୟ ଲାଭ କଣ ଅଟେ?**

ଉ. ପଲିସୀ ସର୍ତ୍ତ ଅନୁସାରେ ଅବଧି ସମୟରେ ଆଶ୍ୱାସିତ ଜୀବନ ପ୍ରତି ବିପଦ ହେବା ସ୍ଥିତିରେ ଲାଭାର୍ଥିଙ୍କୁ ମୋଟ୍ ଉପରେ ଆଶ୍ୱାସିତ ରାଶି ଏବଂ/ବା ଫଣ୍ଡ ୟୁନିଟ୍ ମୂଲ୍ୟ ଦେୟ ହୋଇଥାଏ।

**ପ୍ର. ପଲିସୀ ପରିପକ୍ୱତା ଉପରେ ଦେୟ ଲାଭ କଣ ଅଟେ?**

ଉ. ପଲିସୀ ପରିପକ୍ୱତା ଉପରେ ଫଣ୍ଡ ୟୁନିଟ୍ ମୂଲ୍ୟ ବୋନସ୍ ଯଦି ଥାଏ, ସାଥିରେ ଦେୟ ହୋଇଥାଏ।

**ପ୍ର. କଣ ନିୟମିତ ପ୍ରିମିୟମ ବ୍ୟତୀତ ଅତିରିକ୍ତ ଯୋଗଦାନ ନିବେଶ କରିବା ସମ୍ଭବ ଅଟେ?**

ଉ. ହାଁ ଉତ୍ପାଦରେ ଉପଲବ୍ଧ ବିଶେଷତ୍ୱ ଅଧୀନରେ ବ୍ୟକ୍ତି ନିଜ ପସନ୍ଦାନୁସାରେ ନିୟମିତ ପ୍ରିମିୟମ ବ୍ୟତୀତ ଅତିରିକ୍ତ ଯୋଗଦାନର ନିବେଶ କରିପାରେ। ଏହି ସୁବିଧାକୁ ଟପ୍ ଅପ୍ ସୁବିଧା କୁହାଯାଏ।

**ପ୍ର. କଣ ୟୁଲିପ୍ ପଲିସୀ ନେବା ପରେ ନିବେଶ ଫଣ୍ଡକୁ ବଦଳାଯାଇ ପାରେ?**

ଉ. ହଁା ସ୍ୱୀଚ୍ ବିକଳ୍ପ କୌଣସି ପଲିସୀରେ ନିବେଶକୁ ଗୋଟିଏରୁ ଅନ୍ୟ ଏକ ଫଣ୍ଡକୁ ବଦଳ କରିବାର ସୁବିଧା ଦେଇଥାଏ, ଏହି ସର୍ତ୍ତରେ ଯେ ଏହି ସୁବିଧା ଉତ୍ପାଦରେ ରହିଛି। ଯଦ୍ୟପି ବଦଳର ଏକ ନିଶ୍ଚିତ ସଂଖ୍ୟା ନିଃଶୁଳ୍କ ପ୍ରଦାନ କରାଯାଇଥାଏ, କିନ୍ତୁ ସେହି ବିଶିଷ୍ଟ ସଂଖ୍ୟା ପରେ କରାଯଇଥିବା ବଦଳ (ସ୍ୱୀଚ୍) ପାଇଁ ଶୁଳ୍କ ନିଆଯାଇଥାଏ।

**ପ୍ର. କଣ ଆଂଶିକ ନକଦୀକରଣ / ଉଠାଣ କରାଯାଇ ପାରେ?**

ଉ. ହଁା ଉତ୍ପାଦରେ ଆଂଶିକ ଉଠାଣ ବିକଳ୍ପ ଉପଲବ୍ଧ ଅଟେ ଯାହା ପଲିସୀରେ ନିବେଶର ଏକ ଅଂଶ ଉଠାଣର ସୁବିଧା ପ୍ରଦାନ କରିଥାଏ। ୟୁନିଟ୍‌ର ଏକ ଅଂଶ ରଦ୍ଦ କରାଯାଇ ଏହା ସମ୍ପନ୍ନ କରାଯାଇଥାଏ।

**ପ୍ର. ଯଦି ପ୍ରିମିୟମ ପରିଶୋଧ ରୋକାଯାଏ ତେବେ କଣ ହୋଇଥାଏ?**

ଉ. କ) ଆରମ୍ଭର ତିନି ବର୍ଷ ମଧ୍ୟରେ ରୋକିବା - ଯଦି ଆରମ୍ଭରୁ ଅତିକମ୍‌ରେ ଲଗାଦର ଦିନି ବର୍ଷ ପର୍ଯ୍ୟନ୍ତ ସମସ୍ତ ପ୍ରିମିୟମ ଦେୟ କରା ନଯାଏ ତେବେ ବୀମା କଭର ତୁରନ୍ତ ବନ୍ଦ ହୋଇଯାଇଥାଏ। ବୀମାକର୍ତ୍ତା ଅନୁମତ ଅବଧି ମଧ୍ୟରେ ନବୀକରଣ ପାଇଁ ସୁଯୋଗ ଦେଇପାରନ୍ତି, ଯଦି ଅବଧି ମଧ୍ୟରେ ପଲିସୀ ରିଭାଇଭ କରାଯାଏ ନାହିଁ ତେବେ ତୃତୀୟ ପଲିସୀ ବାର୍ଷିକ ଶେଷରେ ବା ନବୀକରଣ ପାଇଁ ଅନୁମତ ଅବଧି ଶେଷରେ, ଯାହା ପରବର୍ତ୍ତୀ ଅଟେ ସମର୍ପଣ ମୂଲ୍ୟ ଦେୟ କରାଯିବ।

ଖ) ଆରମ୍ଭର ତିନିବର୍ଷ ପରେ ରୋକିବା - ନବୀକରଣ ପାଇଁ ଅବଧିର ଶେଷରେ ସମ୍ପୂର୍ଣ୍ଣ ମୂଲ୍ୟ ଦେୟକରି ଅନୁବନ୍ଧକୁ ରଦ୍ଦ କରାଯିବ। ଯଦି ପଲିସୀଧାରକ ଦ୍ୱାରା ଚୟନିତ କରାଯାଇଛି ତେବେ ବୀମାକର୍ତ୍ତା ବୀମା କଭର ଜାରୀ ରଖିବାର ସୁବିଧା ଦେଇପାରନ୍ତି ଏବଂ ଯେ ପର୍ଯ୍ୟନ୍ତ ଏକ ପୂର୍ଣ୍ଣ ବର୍ଷର ପ୍ରିମିୟମଠାରୁ କମ୍ ନ ହୋଇଛି ସେ ପର୍ଯ୍ୟନ୍ତ ଉପଯୁକ୍ତ ଚାର୍ଜ ଲାଗିଥାଏ। ଯେତେବେଳେ ଫଣ୍ଡ ମୂଲ୍ୟ ଏକ ପୂର୍ଣ୍ଣ ବର୍ଷ ପ୍ରିମିୟମ



ସମତୁଲରେ ପହଞ୍ଚେ ତେବେ ଅନୁବନ୍ଧକୁ ଫଣ୍ଡ ମୂଲ୍ୟ ଦେୟ କରାଯାଇ ରଦ୍ଦ କରାଯିବ।

ଗ) 5 ବର୍ଷର ଲକ୍-ଇନ୍ ଅବଧି ଥିବା ପଲିସୀ: 01-09-2012 ବା ତାହାପରେ ଅଣାଯାଇଥିବା ପଲିସୀ ପାଇଁ ଲକ୍-ଇନ୍ ଅବଧି 5 ବର୍ଷକୁ ବୃଦ୍ଧି କରାଯାଇଛି । ପିମିୟମ ପ୍ରଦାନ ବନ୍ଦ କରିବା କ୍ଷେତ୍ରରେ, ପଲିସୀଧାରକଙ୍କ ନିକଟରେ ଥିବା ବିକଳ୍ପ 1) ପଲିସୀ ରିଭାଇଭ କରିବା ବା 2) କୌଣସି ରିସ୍କ କଭର ବିନା ସମ୍ପୂର୍ଣ୍ଣ ଉଠାଣ କରିବା।

ଗ୍ରେସ୍ ଅବଧି ସମାପ୍ତି ଦିନାଙ୍କଠାରୁ 15 ଦିନ ମଧ୍ୟରେ, ବୀମାକର୍ତ୍ତାଙ୍କ ଦ୍ୱାରା ଉପରୋକ୍ତ ବିକଳ୍ପ ସମ୍ବଳିତ ଏକ ବିଜ୍ଞପ୍ତି ପଠାଯିବ। ଯଦି ବିଜ୍ଞପ୍ତିର 30 ଦିନ ମଧ୍ୟରେ କୌଣସି ବିକଳ୍ପ ପ୍ରଦାନ ନ କରନ୍ତି କିମ୍ବା ନଂ. 2 କୁ ପ୍ରଦାନ କରନ୍ତି, ତେବେ ବିରତ (ଡିସକଣ୍ଟିନ୍ୟୁଡ) ପଲିସୀର ଲାଭ ପ୍ରତ୍ୟର୍ପଣ ହେବ, କିନ୍ତୁ ଲକ୍-ଇନ୍ ଅବଧି ସମାପ୍ତି ପୂର୍ବରୁ ନୁହେଁ। ଯଦି ଏହି ବିରତ ଲକ୍-ଇନ୍ ଅବଧି ମଧ୍ୟରେ ହୋଇଥାଏ, ପଲିସୀଧାରକଙ୍କ ନିକଟରେ ବିରତ ଦିନାଙ୍କରୁ ଦୁଇ ବର୍ଷ ଅବଧି ମଧ୍ୟରେ ପଲିସୀ ରିଭାଇଭ କରିବାର ଅଧିକାର ରହିଥାଏ, ତେବେ ବିରତ ଲକ୍-ଇନ୍ ଅବଧି ପରେ ନୁହେଁ।

**ପ୍ର. ବୀମାକର୍ତ୍ତା ଦ୍ୱାରା ପଲିସୀଧାରକଙ୍କୁ ନିବେଶ ବିଷୟରେ କଣ ସୂଚନା ପ୍ରଦାନ କରାଯାଏ?**

ଉ. ବୀମାକର୍ତ୍ତା ଆର୍ଥିକ ପରିଦୃଶ୍ୟ ସମ୍ବନ୍ଧିତ ପୂର୍ବ ବିତ୍ତ ବର୍ଷ ସମୟରେ ଫଣ୍ଡର ପ୍ରଦର୍ଶନ, ବଜାର ଗତିବିଧିକୁ କଭର କରୁଥିବା ବାର୍ଷିକ ରିପୋର୍ଟ ପଠାଇଥାନ୍ତି ଯେଉଁଥିରେ ଫଣ୍ଡ ପ୍ରଦର୍ଶନ ବିଶ୍ଳେଷଣ, ଫଣ୍ଡର ନିବେଶ ପୋର୍ଟଫୋଲିଓ, ନିବେଶ ରଣନୀତି ଏବଂ ଆପଣାଇଥିବା ରିସ୍କ ନିୟନ୍ତ୍ରଣ ଉପାୟର ସମାବେଶ ହେବା ଉଚିତ୍।

## ଆଇଆର୍‌ଡିଏ ଦ୍ୱାରା ନିର୍ଦ୍ଧାରିତ ପଲିସୀଧାରକ ସର୍ଭିସିଂ ଟର୍ନ ଏରାଉଣ୍ଡ ଟାଇମ୍ (ଟିଏମ୍‌ଟି)

| ସେବା | ଅଧିକତମ ଟର୍ନ ଏରାଉଣ୍ଡ ଟାଇମ୍ (ଟିଏଟି) |
|---|---|
| **ସାଧାରଣ** | |
| ପ୍ରସ୍ତାବ ପ୍ରକ୍ରିୟା ଏବଂ ଫଳାପଳ ସୂଚନା ଦେବା ଯେଉଁଥିରେ ସାମିଲ ପଲିସୀର ଆବଶ୍ୟକତା/ଜାରୀ କରିବା/ରଦ୍ଦ କରିବା | 15 ଦିନ |
| ପ୍ରସ୍ତାବ କପି ପ୍ରାପ୍ତ କରିବା | 30 ଦିନ |
| ପଲିସୀ ଜାରୀ କରିବା ପରେ ସେବା ନିବେଦନ ଯେଉଁ ତ୍ରୁଟି/ ପ୍ରସ୍ତାବ ଡିପଜିଟ୍ ଫେରସ୍ତ ଅଣ-ଦାବି ସମ୍ବନ୍ଧୀୟ ସେବା ନିବେଦନ ସମ୍ପର୍କିତ ଅଟେ। | 10 ଦିନ |
| **ଜୀବନ ବୀମା** | |
| ସମର୍ପଣ ମୂଲ୍ୟ ଆନ୍ୟୁଟି / ପେନସନ୍ ପ୍ରକ୍ରିୟା | 10 ଦିନ |
| ପରିପକ୍ୱତା ଦାବି / ସର୍ଭାଇଭାଲ ଲାଭ / ଦଣ୍ଡସ୍ୱରୂପ ସୁଧ ଦେୟ | 15 ଦିନ |
| ଦାବି ଉପସ୍ଥାପନ ପରେ ଦାବି ଆବଶ୍ୟକତା ସୂଚୀତ କରିବା | 15 ଦିନ |
| ଯାଞ୍ଚ ଆବଶ୍ୟକତା ବିନା ମୃତ୍ୟୁ ଦାବି ବନ୍ଦୋବସ୍ତ | 30 ଦିନ |
| ଯାଞ୍ଚ ଆବଶ୍ୟକତା ସହିତ ମୃତ୍ୟୁ ଦାବି ବନ୍ଦୋବସ୍ତ/ରଦ୍ଦ | 6 ମାସ |
| **ସାଧାରଣ ବୀମା** | |
| ସର୍ବେକ୍ଷଣ ରିପୋର୍ଟ ଜମା କରିବା | 30 ଦିନ |
| ବୀମାକର୍ତ୍ତା ଦ୍ୱାରା ପୂରକ ରିପୋର୍ଟ ମାଗିବା | 15 ଦିନ |
| ପ୍ରଥମ/ପୂରକ ସର୍ବେକ୍ଷଣ ରିପୋର୍ଟ ମଳିବା ପରେ ବନ୍ଦୋବସ୍ତ/ ଅସ୍ୱୀକୃତି | 30 ଦିନ |
| **ଅଭିଯୋଗ** | |
| ଅଭିଯୋଗ ପ୍ରାପ୍ତିସ୍ୱୀକାର | 3 ଦିନ |
| ଅଭିଯୋଗ ସମାଧାନ | 15 ଦିନ |



## 5. ଯଦି ଆପଣଙ୍କର କୌଣସି ଅଭିଯୋଗ ରହିଛି

ବୀମା ବିନିୟାମକ ଏବଂ ବିକାଶ ପ୍ରାଧିକରଣ (ଆଇଆର୍‌ଡିଏ) ଙ୍କ ଉପଭୋକ୍ତା ମାମଲା ବିଭାଗ ଇଣ୍ଟିଗ୍ରେଟେଡ ଗ୍ରୀଏଭାନ୍‌ସ ମ୍ୟାନେଜମେଣ୍ଟ ସିଷ୍ଟମ୍ (ଆଇଜିଏମ୍‌ଏସ୍) ଆରମ୍ଭ କରିଛି ଯାହା ଅଭିଯୋଗ ପଞ୍ଜିକରଣ ଏବଂ ନିରୀକ୍ଷଣ ପାଇଁ ଏକ ଅନଲାଇନ୍ ବ୍ୟବସ୍ଥା ଅଟେ। ଆପଣଙ୍କୁ ସର୍ବପ୍ରଥମେ ଆପଣଙ୍କ ବୀମା କମ୍ପାନୀରେ ଅଭିଯୋଗ ଦାଖଲ କରବା ଉଚିତ୍ ଏବଂ ଯଦି ଆପଣ କମ୍ପାନୀ ଦ୍ୱାରା ଏହାର ବନ୍ଦୋବସ୍ତରେ ସନ୍ତୁଷ୍ଟ ନୁହଁନ୍ତି ତେବେ ଆପଣ www.igms.irda.gov.in କୁ ଯାଇ ଆଇଜିଏମ୍‌ଏସ୍ ଜରିଆରେ ଏହାକୁ ଆଇଆର୍‌ଡିଏ ପାଖକୁ ପଠାଇ ପାରିବେ। ଯଦି ଆପଣ ବୀମାକର୍ତ୍ତାଙ୍କ ଅଭିଯୋଗ ପ୍ରଣାଳୀ ପର୍ଯ୍ୟନ୍ତ ସିଧା ପହଞ୍ଚି ପାରୁନାହାନ୍ତି ତେବେ ଆଇଜିଏମ୍‌ଏସ୍ ବୀମାକର୍ତ୍ତା ନିକଟରେ ଆପଣଙ୍କ ଅଭିଯୋଗ ଦାଖଲ ପାଇଁ ଆପଣଙ୍କ ଏକ ମାର୍ଗ ମଧ୍ୟ ପ୍ରଦାନ କରିଥାଏ।

ଆଇଜିଏମ୍‌ଏସ୍ (ଅର୍ଥାତ୍ ୱେବ୍) ଜରିଆରେ ଆପଣଙ୍କ ଅଭିଯୋଗକୁ ପଞ୍ଜୀକୃତ କରିବା ବ୍ୟତୀତ ଆପଣଙ୍କ ନିକଟରେ ଅଭିଯୋଗ ପଞ୍ଜୀକରଣ ପାଇଁ ଅନେକ ମାଧ୍ୟମ ରହିଛି ଇ-ମେଲ୍ (complaints@irda.gov.in) ଜରିଆରେ, ପତ୍ର (ଆପଣଙ୍କ ପତ୍ର ଗ୍ରାହକ ମାମଲା ବିଭାଗ, ବୀମା ବିନିୟାମକ ଏବଂ ବିକାଶ ପ୍ରାଧିକରଣ, ତୃତୀୟ ମହଲା, ପରିଶ୍ରମ ଭବନ, ବଶୀର ବାଗ, ହାଇଦ୍ରାବାଦ: କୁ ସମ୍ବୋଧିତ କରନ୍ତୁ) ଜରିଆରେ, ବା ଆଇଆର୍‌ଡିଏ କଲ ସେଣ୍ଟରକୁ ଟୋଲ୍ ଫ୍ରୀ ନଂ. 155255 **ରେ କଲ୍** କରନ୍ତୁ ଯାହା ମାଧ୍ୟମରେ ଆଇଆର୍‌ଡିଏ ବୀମା କମ୍ପାନୀ ବିରୋଧରେ ଆପଣଙ୍କ ଅଭିଯୋଗ ନିଃଶୁଳ୍କ ଦାଖଲ ହେବ ଏବଂ ଏଥି ସହିତ ତାହାର ସ୍ଥିତି ଉପରେ ନଜର ରଖିବାରେ ସାହାଯ୍ୟ କରିବା କଲ୍ ସେଣ୍ଟର ଆଧାର ଉପରେ

ଅଭିଯୋଗ ଫର୍ମ ଭରି କଲ୍ ସେଣ୍ଟର ଆପଣଙ୍କ ସହାୟତା କରିଥାଏ ତଥା ଯେଉଁଠି ବି ଆବଶ୍ୟକତା ହୋଇଥାଏ ଏହା ସିଧା ବୀମା କମ୍ପାନୀ ବିରୋଧରେ ଅଭିଯୋଗ ଦାଖଲ କରିବାରେ ସହାୟକ ହୋଇଥାଏ। ଏବଂ ବୀମା କମ୍ପାନୀଙ୍କ ଠିକଣା, ଫୋନ୍ ନମ୍ବର, ୱେବସାଇଟ୍ ବିବରଣ, ସମ୍ପର୍କ କ୍ରମାଙ୍କ, ଇମେଲ୍ ଆଇଡି ଇତ୍ୟାଦି ସମ୍ବନ୍ଧିତ ସୂଚନା ଆପଣଙ୍କୁ ଦେଇଥାଏ। ଆଇଆର୍‌ଡିଏ କଲ୍ ସେଣ୍ଟର ଭାବି ଗ୍ରାହକ ଏବଂ ପଲିସୀଧାରକ ପାଇଁ ବ୍ୟାପକ ଟେଲି-କାର୍ଯ୍ୟକ୍ଷମତା ସହିତ ଏକ ଅସଲି ବୈକଳ୍ପିକ ମାଧ୍ୟମ ପ୍ରଦାନ କରିଥାଏ, ଏବଂ ସୋମବାରରୁ ଶୁକ୍ରବାର, ସକାଳ ୫ ରୁ ରାତି ୫ ବାଜିବା ପର୍ଯ୍ୟନ୍ତ 12 ଘଣ୍ଟାX6 ଦିନ ପର୍ଯ୍ୟନ୍ତ ହିନ୍ଦୀ, ଇଂରାଜୀ ଏବଂ ବିଭିନ୍ନ ଭାରତୀୟ ଭାଷାରେ କାର୍ଯ୍ୟରତ ରହିଥାଏ।

ଏବେ ଆଇଆର୍‌ଡିଏ ନିକଟରେ କୌଣସି ଅଭିଯୋଗ ଦାଖଲ କଲେ ସେ ତାହାକୁ ବୀମା କମ୍ପାନୀ ନିକଟକୁ ପଠାଇ ସମାଧାନ କରାଉଛି। କମ୍ପାନୀ ଅଭିଯୋଗ ସମାଧାନ କରିବା ପାଇଁ 15 ଦିନ ଦିଆଯାଏ। ଯଦି ଆବଶ୍ୟକ ପଡେ, ଆଇଆର୍‌ଡିଏ ଯାଞ୍ଚ ଏବଂ ଅନୁସନ୍ଧାନ କରିଥାଏ। ଏହା ବ୍ୟତୀତ ଯେଉଁଠାରେ ବି ଲାଗୁ ହେଉ, ଆଇଆର୍‌ଡିଏ ରିଡ୍ରେସଲ ଅଫ୍ ପବ୍ଲିକ୍ ଗ୍ରୀଏଭାନ୍ସ ରୂଲ୍ସ, ୧୨୨୫ ର ସର୍ତ୍ତାନୁସାରେ ଇନ୍ସୁରାନ୍ସ ଆମ୍ବୁଡ୍‌ସମ୍ୟାନ୍‌ଙ୍କୁ ସମ୍ପର୍କ କରିବାର ପରାମର୍ଶ ଅଭିଯୋଗକାରୀଙ୍କୁ ଦେଇଥାଏ।



**ଅସ୍ୱୀକୃତି:**

ଏହି ପୁସ୍ତିକା ଆପଣଙ୍କୁ କେବଳ ସାଧାରଣ ସୂଚନା ପ୍ରଦାନ କରିବା ପାଇଁ ଅଟେ ଏବଂ ପରିପୂର୍ଣ୍ଣ ନୁହେଁ। ଏହା ଏକ ଶିକ୍ଷା ଉପକ୍ରମ ଅଟେ ଏବଂ ଆପଣଙ୍କୁ କୌଣସି ଆଇନଗତ ପରାମର୍ଶ ଦିଏ ନାହିଁ।

ବୀମା ଆଗ୍ରହର ବିଷୟବସ୍ତୁ ଅଟେ।